**କୁକୁର କାମୁଡ଼ାରେ ୧୨ ଆହତ**

ଘସିପୁରା,(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ଥାନା ବେଲବାହାଲି ଗ୍ରାମରେ ପାଗଳା କୁକୁର କାମୁଡ଼ାରେ ୧୨ ଜଣ ଆହତ ହୋଇଛନ୍ତି। କୁକୁର ଆତଙ୍କରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। କୁକୁର ଶୁକ୍ରବାର ୮ ଜଣଙ୍କୁ କାମୁଡ଼ିଥିବା ବେଳେ ଶନିବାର ୪ ଜଣଙ୍କୁ କାମୁଡ଼ି ଥିବା ଜଣାପଡ଼ିଛି। ସମସ୍ତଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରତିଷେଧକ ଇଞ୍ଜେକସନ୍ ଦିଆଯାଇଥିବା ଜଣାପଡ଼ିଛି। ଭୟଭୀତ ଗ୍ରାମବାସୀ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।



## ସଂକ୍ଷେପରେ

### ମିଶନ ଶକ୍ତି ଉପଦେଷ୍ଟାଙ୍କ ଚାନ୍ଦବାଲି ଗସ୍ତ

ଚାନ୍ଦବାଲି, ୨୦।୧(କିଷାନ ପାତ୍ର )– ମିଶନ ଶକ୍ତି ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର ଶୁକ୍ରବାର ଚାନ୍ଦବାଲି ଗସ୍ତ କରିଥିଲେ। ବ୍ଲକର ସମସ୍ତ ପଞ୍ଚାୟତ ଓ ଏନ୍ଏସି ସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା, ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର ଓ ପ୍ରାଣୀମିତ୍ରମାନଙ୍କ ସହ ବୈଠକରେ ସେ ଯୋଗ ଦେଇଥିଲେ। ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ମିଶନ ଶକ୍ତି ବିଭାଗର ସମସ୍ତ କ୍ୟାଡର ଓ ମହାସଂଘସ୍ତରୀୟ ଲିଡରମାନଙ୍କୁ ମହିଳାମାନଙ୍କର ଉନ୍ନତି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ବିଷୟରେ ସେ ଆଲୋକପାତ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ସୁବୁବେଳେ ଚେଷ୍ଟିତ ବୋଲି କହିଥିଲେ। କ୍ୟାଡର ଓ ଲିଡରମାନଙ୍କଠାରୁ ସେମାନଙ୍କର ସୁବିଧା ଅସୁବିଧା ବୁଝିବା ସହ ମତାମତ, ଅଭିଜ୍ଞତା ବୁଝିଥିଲେ। ଚାନ୍ଦବାଲି ବିଡିଓ ଅସିତ ମହାନ୍ତି, ସିଡିପିଓ, ବିପିଏମ୍, ବିପିସି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଯୋଡ଼ା,୨୦।୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳର ୧୫ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନନ୍ଦୁ କାରୁଆ। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଲୋକେଶ ସାହୁ ସୂଚନା ଦେଇଛନ୍ତି। ନାବାଳିକାଙ୍କୁ ଅପହରଣ କରାଯାଇ ଥିବା ନେଇ ନାବାଳିକାଙ୍କ ମା' ଜାନୁଆରୀ ୫ ରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେଠାରେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ କରିଥିଲେ। ପୋଲିସ ପୋକ୍ସୋ ଆକ୍ଟରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ସହିତ ନାବାଳିକାଙ୍କୁ କେନ୍ଦୁଝର ଚାଇଲ୍ଡଲାଇନ ସେଣ୍ଟରକୁ ସ୍ଥାନାନ୍ତର କରିଥିବା ସୂଚନା ଦେଇଛି।

### ଖବରକାଗଜ ଏଜେଣ୍ଟଙ୍କ ସ୍ତ୍ରୀଙ୍କ ବିୟୋଗ

ବାରିପଦା,୨୦।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)–ବାରିପଦା ସହରର ଖବରକାଗଜ ଏଜେଣ୍ଟ ପ୍ରବୋଧ ଦାସଙ୍କ ସ୍ତ୍ରୀ କବିତା(୫୫)ଙ୍କ ଶନିବାର ସକାଳେ ପରଲୋକ ହୋଇଛି। କିଛିଦିନ ହେଲା ଅସୁସ୍ଥ ଥିବାରୁ ସେ ବାରିପଦା ପି ଆ ର୍ ଏ ମ୍ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ମେଳାପି


କବିତା ଦାସ

ମହିଳା ଥିଲେ। ତାଙ୍କ ବିୟୋଗରେ ୨୧ ନଂ. ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ୧୯ରୁ ଊର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ

**କେନ୍ଦୁଝର ଜିଲା**
- କାଗଜ କଲମରେ ସରିଛି କାମ
- ବିଭାଗୀୟ ଚିଠି ପରେ ବି ଅଣଦେଖା

କେନ୍ଦୁଝର,୨୦।୧( ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ୧୯ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଉକ୍ତ ଗ୍ରାମକୁ ଯାତାୟାତ ସଂଯୋଗ ପାଇଁ ୬୧ କି.ମି ରାସ୍ତାର ଆବଶ୍ୟକତା ଥିବା ନେଇ ୨୦୨୦ ଜାନୁୟାରୀ ୨୪ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ରାସ୍ତା ନିର୍ମାଣ ହେଲେ ୫୯୧୩ ଜଣ ଲୋକ ଉପକୃତ ହେବେ ବୋଲି ସୂଚନା ଦିଆଯାଇଥିଲା। ତେବେ କେତେ ରାସ୍ତା ଇତି ମଧ୍ୟରେ ହୋଇଛି ତାହାର ଠିକ୍ ସୂଚନା ମିଳୁ ନ ଥିଲେ ହେଁ ରାସ୍ତାକୁ ନେଇ ଅନେକ ସମୟରେ ଗ୍ରାମବାସୀ ଦାବି କରିବା ଏବଂ ରାସ୍ତା ନ ଥିବାରୁ ଖଟ, ଚେୟାର ବା ଭାରରେ ବୋହି ରୋଗୀଙ୍କୁ ନେବା ଆଣିବା ଖବର ଅନେକ ଗ୍ରାମକୁ ଅଦ୍ୟାବଧି ସବୁଦିନିଆ ରାସ୍ତା ନ ଥିବା ପ୍ରମାଣିତ କରୁଛି। ବାସ୍ତବରେ ଏହି ସଂଖ୍ୟା ଅଧିକ ବୋଲି ବେସରକାରୀ ଭାବରେ ମଧ୍ୟ କୁହାଯାଉଛି।

ପ୍ରକାଶ ଯେ, ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରିପୋର୍ଟକୁ ୩ ବର୍ଷ ଉପରେ ବିତିବାକୁ ବସିଲାଣି। ଏତେ ବର୍ଷ ପରେ ବି ଉଦାହରଣ ଭାବେ ତେଲକୋଇ ବ୍ଲକ୍ ଗୋଡ଼ିନର୍ଦ୍ଦା ଭଳି ଅନେକ ଦୁର୍ଗମ ଗ୍ରାମକୁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଫଳରେ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ପ୍ରତିବାଦ ଜଣାଇ ରାସ୍ତା ଦାବି କରି ଆନ୍ଦୋଳନ କରୁଛନ୍ତି। ଅନ୍ୟପକ୍ଷେ ୨୦୧୮–୨୦୨୩ ଆର୍ଥିକ ବର୍ଷରେ ଜିଲା ପ୍ରଶାସନର ଅନୁମୋଦନରେ ତେଲକୋଇ ବ୍ଲକ୍‌ରେ ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ ବାବଦକୁ ବହୁ ଅର୍ଥ ଖର୍ଚ୍ଚ ହୋଇଛି। ମାତ୍ର ଉକ୍ତ ରାସ୍ତା ଖାତାଖତିଆନରେ ହିଁ ନିର୍ମାଣ ହୋଇ ୪୫ ଲକ୍ଷ ଟଙ୍କା ହଡ଼ପ, ଗୋଟିଏ ରାସ୍ତାକୁ ଦୁଇ ଥର ଅନୁଦାନ ପ୍ରଦାନ ଭଳି ଅଭିଯୋଗ ହୋଇଆସୁଛି। ଫଳରେ ଲୋକମାନଙ୍କୁ ସବୁଦିନିଆ ରାସ୍ତା ପାଇଁ ପେଟପାଟଣା ଓ ଜୀବିକା ଛାଡ଼ି ଆନ୍ଦୋଳନ କରିବାକୁ ପଡୁଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଜିଲାପାଳ ଆଶିଷ ଠାକ୍‌ରେ ମିଡିଆ ଆଗରେ କହିଛନ୍ତି, ଜିଲାରେ କିଛି ରାସ୍ତା କାମର ପ୍ରଶାସନିକ ସ୍ତରରେ ଅନୁମୋଦନ କରାଯାଇଛି। ତେବେ ରାସ୍ତା ନ ଥିବା ଗ୍ରାମକୁ ସବୁଦିନିଆ ରାସ୍ତା ଦେବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

ସୂଚନାଯୋଗ୍ୟ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମସ୍ତ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏଙ୍କୁ ରାସ୍ତା ନ ଥିବା ଗ୍ରାମ ବା ଜନବସତି(ପଡା)କୁ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଚିଠି (ନଂ. ୨୨୯୫/ ୪ ଅଗଷ୍ଟ ୨୦୨୦) କହିଥିଲେ। ତା, ପୂର୍ବରୁ ଉକ୍ତ ବିଭାଗ ଅଣ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମ ବା ପଡ଼ାଗୁଡ଼ିକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ କରିବାକୁ ଚିଠି (ସଂଖ୍ୟା ୪୮୯୩/୬ ମାର୍ଚ୍ଚ ୨୦୧୯)କରିଥିଲେ। ସେହିପରି ଶହେରୁ ଅଧିକ ଲୋକ ରହୁଥିବା ଜନବସତି ବା ଗ୍ରାମକୁ ରାସ୍ତା ନିର୍ମାଣ ନେଇ ଜିଲାପାଳ, ପିଡିଙ୍କୁ ଚିଠି (ନଂ. ୬୦୪୭/୭ ମାର୍ଚ୍ଚ ୨୦୨୦)କରିଥିଲେ। ସମସ୍ତ ଚିଠିକୁ ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ରାସ୍ତା ନିର୍ମାଣ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ବୋଲି ପୂର୍ବତନ ଜିଲା ଓକିଲ ସଂଘର ସଭାପତି ଅଶୋକ ଦାସ କହିଛନ୍ତି। କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି, ବିଶେଷ କରି ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ୍‌ର ଦୁର୍ଗମ ଅଞ୍ଚଳରେ ଏଭଳି ରାସ୍ତା ସମସ୍ୟା ରହିଛି। ପୂର୍ବରୁ ଚିହ୍ନଟ ହୋଇଥିବା ରାସ୍ତା ସରିଛି କି ନାହିଁ ଓ ଦୁର୍ନୀତି ସମ୍ପର୍କରେ ତାଲିକା ଦେଖିଲେ ଜଣାପଡ଼ିବ। ଏହା ଛଡା ଆଉ କିଛି ରାସ୍ତା ମିଶାଇ ପାଖାପାଖି ୫୦ ଟି ରାସ୍ତା କାମ ସବୁଦିନିଆ ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଇଛି। କେତେକ କାମର ଅଟକଳ ସରିଛି ଏବଂ ଟେଣ୍ଡର ଆହ୍ୱାନ କରାଯାଇଥିବା କହିଥିଲେ।

# କାମ ପୂର୍ବରୁ ବିଲ୍ ହୋଇଥିବା ଅଭିଯୋଗ

**ସ୍ୱାମ-ଖମୁଆ ରାସ୍ତା ନିର୍ମାଣରେ ଚଞ୍ଚକତା**

ପାଟଣା,୨୦।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟଠାରୁ ମାତ୍ର ୨ କି.ମି. ବ୍ୟବଧାନ ସ୍ୱାମ ଛକରୁ ସରାସକୋଲା ଦେଇ ଖମୁଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଚଞ୍ଚକତା ଅଭିଯୋଗ ହୋଇଛି। ନିମ୍ନମାନର କାମ ଯୋଗୁ ରାସ୍ତାରୁ ରାତିକ ଭିତରେ ପିଚୁ ଉଠିଯାଉଛି। ଯାହାକୁନେଇ ସ୍ଥାନୀୟ ବାସିନ୍ଦା ଶୁକ୍ରବାର ରାସ୍ତାରୋକୋ କରିଥିଲେ। ଏବେ ଉକ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଠିକାଦର ବିଲ ଉଠାଇନେଇଥିବା ମଧ୍ୟ ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ୭ କିଲୋ ମିଟର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଠିକାଦାର ପକାଇଥିବା ପିଚୁ ଶୁକ୍ରବାର ସକାଳୁ ଉଠି ଯାଇଥିଲା। ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପିଚୁ କରଣ ପାଇଁ ଆସିଥିବା ହାଇୱାକୁ ଗ୍ରାମବାସୀ ଫେରାର ଦେଇଥିଲେ। ମାତ୍ର ଏହି କାର୍ଯ୍ୟ ପାଇଁ ୫୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଠିକାଦାର ଗଜେନ୍ଦ୍ର ସାହୁଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ରାସ୍ତା ନିର୍ମାଣ ପୂର୍ବରୁ ଠିକାଦାର ବିଭାଗୀୟ ଯନ୍ତ୍ରୀ, ଏସ୍‌ଡିଓଙ୍କ ସହ ସଲାସୁତରା କରି ଲକ୍ଷାଧିକ ଟଙ୍କାର ବିଲ କରାଇନେବା ପରେ ଏବେ ତରବରିଆ ଭାବେ ପିଚୁ ପକାଉଛନ୍ତି ବୋଲି ସରାସକୋଲା ଗ୍ରାମର ରଷିନ୍ଦ୍ର ଦଣ୍ଡପାଟ, ଗୋପୀନାଥ ଦେହୁରୀ ଓ ହରିହର ବାରିକ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି। ଗ୍ରାମ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ(ଏସସିଇ)ଶିଶିର ମିଶ୍ର କହିଛନ୍ତି, ଏ ନେଇ ତାଙ୍କ ପାଖରେ କୌଣସି ଲିଖିତ ଅଭିଯୋଗ ନାହିଁ। ରାସ୍ତା ନିର୍ମାଣ ପୂର୍ବରୁ ଠିକାଦାରଙ୍କୁ ବିଲ ଟଙ୍କା ପୈଠ କରିବାର କୌଣସି ନିୟମ ନାହିଁ। ଯଦି ଠିକାଦାରଙ୍କୁ କାର୍ଯ୍ୟ ଆରମ୍ଭ ପୂର୍ବରୁ ଆଗୁଆ ଟଙ୍କା ଦିଆଯାଇଥିବ, ତେବେ ଦୁର୍ନୀତିରେ ସଂଶ୍ଳିଷ୍ଟ ସମସ୍ତ ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ନିମ୍ନମାନର ରାସ୍ତା କାର୍ଯ୍ୟ ତଦନ୍ତ କରାଯିବ।

# ଇଭିଏମ୍, ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ଅଧିକାରୀ।

ବାରିପଦା, ୨୦।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)–ଆଗାମୀ ସାଧାରଣ ନିର୍ବାଚନରେ ଭୋଟରମାନଙ୍କର ନିର୍ଭୁଲ ମତଦାନ ତଥା ସେହି ମତଦାନର ସଠିକତା ସମ୍ପର୍କରେ ନିଶ୍ଚିତ ହେବା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ଶନିବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମସ୍ତ ଉପଖଣ୍ଡ ସଦରମହକୁମାଠାରେ ଏହି କେନ୍ଦ୍ର ପ୍ରଦର୍ଶିତ ହୋଇଛି ଏବଂ ଭୋଟରମାନଙ୍କ ପାଇଁ ଏହା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜିଲାପାଳ କହିଥିଲେ। ଇଭିଏମ୍ ମେଶିନର କାର୍ଯ୍ୟକାରିତା ଏବଂ ଉପଯୋଗିତା ବିଷୟରେ ବୁଝାଇବା ଲାଗି ଜଣେ ସରକାରୀ କର୍ମଚାରୀ ଏହି କେନ୍ଦ୍ରରେ ନିୟୋଜିତ ରହିବେ। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅଭିମନ୍ୟୁ ବେହେରା, ଦୌଲତ ଚନ୍ଦ୍ରକାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଡେପୁଟି କଲେକ୍ଟର ଦୁର୍ଗାଚରଣ ମୁର୍ମୁ, ବିଶ୍ୱଜିତ ପଣ୍ଡା, ଶୁଭଙ୍କରୀ ସୁଦେଷ୍ଣା ଦାଶ, ଅନିଲ କୁମାର ମହାନ୍ତି, ସହକାରୀ ଜିଲାପାଳ ନିହାର ରଞ୍ଜନ ଦାସଙ୍କ ସମେତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲା ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କେନ୍ଦ୍ରରେ ନିଜ ମକ୍ ଭୋଟିଂ କରିଥିଲେ। ସୂଚନାଥାଉ କି, ଜିଲାର ସମସ୍ତ ଉପଖଣ୍ଡ, ବ୍ଲକ, ଏନ୍ଏସି ଏବଂ ପୌରାଞ୍ଚଳର ପ୍ରତ୍ୟେକ ପୋଲିଂ ବୁଥ୍, ଗ୍ରାମରେ ପହଞ୍ଚି ମୋବାଇଲ ଭ୍ୟାନଗୁଡ଼ିକ ଜନସାଧାରଣଙ୍କୁ ମତଦାନ ସମ୍ପର୍କରେ ମକ୍ ପୋଲିଂ ଜରିଆରେ ସଚେତନ କରିବ।

### ହାତୀ ଆକ୍ରମଣରେ ଯୁବତୀ ଗୁରୁତର

ଖୁଣ୍ଟା, ୨୦।୧(ଦେବରଞ୍ଜନ ବେହେରା)

ଡୁକୁରା ବନ୍ୟପ୍ରାଣୀ ବିଭାଗ ଅଧୀନ ଶାଳବଣି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବତୀ(୨୫) ଗୁରୁତର ହୋଇଛନ୍ତି। ଖାଦ୍ୟ ଅନ୍ୱେଷଣରେ ଶିମିଳିପାଳ ଅଭୟାରଣ୍ୟରୁ ବାଟବୁଢ଼ି ଗ୍ରାମାଭିମୁଖୀ ହୋଇଥିବା ଏକ ଦନ୍ତା ଗତ କିଛିଦିନ ଧରି ବିଭିନ୍ନ ଅଞ୍ଚଳରେ ଉତ୍ପାତ ଚଳାଇଥିଲା। ଉକ୍ତ ଦନ୍ତାକୁ ବନବିଭାଗ ଅଭୟାରଣ୍ୟକୁ ଘଉଡାଇ ଦେଇଥିଲେ ମଧ୍ୟ ପୁର୍ନବାର ଶୁକ୍ରବାର ରାତିରେ ଖୁଣ୍ଟା ବ୍ଲକ ଅଧୀନ ବାଙ୍ଗରା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବନବିଭାଗ ଦନ୍ତାଟିର ଗତିବିଧି ଉପରେ ନଜର ରଖିବା ସହ ଅଭୟାରଣ୍ୟ ମଧ୍ୟକୁ ଘଉଡାଇବା ପାଇଁ ପ୍ରୟାସ ଜାରି ରଖିଥିଲେ । ମାତ୍ର ଉକ୍ତ ରାତିରେ ଶାଳବଣୀ ଗ୍ରାମ ଦେହୁରୀସାହିର ଚୈତନ ଟୁଡୁଙ୍କ ଝିଅ ସୁମତୀ ବାହାରକୁ ଉଠିଥିବା ବେଳେ ଦନ୍ତା ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଉଦଳା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏବେ ଯୁବତୀଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

# ବାଳିକା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଧାମନଗର,୨୦।୧(ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୭ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ ଦୁଷ୍ମନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ମୀନା ମାଝୀ, ଜିଲା କ୍ରୀଡ଼ା ପ୍ରମୁଖ ମାନସ ରଞ୍ଜନ ନାୟକ, ବ୍ଲକସ୍ତରୀୟ କ୍ରୀଡ଼ା ପ୍ରମୁଖ ଦିଲୀପ କୁମାର ନାୟକ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମାଝୀ, ଶିକ୍ଷାବିତ୍ ଦଧିବାମନ ମିଶ୍ର, ତ୍ରିଲୋଚନ ବେହେରା, ପବିତ୍ର ମୋହନ ମହାନ୍ତି, ବୃନ୍ଦାବନ ମହାନ୍ତି, ନାରାୟଣ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ୧୩ଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ୩୯ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଅନିତା ମହାନ୍ତି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଅନ୍ନପୂର୍ଣ୍ଣା ରଣା ଜାତୀୟସ୍ତରରେ ଖୋ ଖୋରେ ଭାଗନେଇ ଖେଳି ଫେରିଥିବାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଛାତ୍ରୀ।

# କ୍ଷୀରଚୋରା ଗୋପୀନାଥ ମନ୍ଦିରରେ 'ସ୍ୱଚ୍ଛ ତୀର୍ଥକ୍ଷେତ୍ର' କାର୍ଯ୍ୟକ୍ରମ

ବାଲେଶ୍ୱର, ୨୦।୧(ମାନସ ବିଶ୍ୱାଳ)

ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପୂର୍ବରୁ ଦେଶର ସମସ୍ତ ତୀର୍ଥକ୍ଷେତ୍ର ଓ ଦେବପୀଠଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ 'ସ୍ୱଚ୍ଛ ତୀର୍ଥକ୍ଷେତ୍ର' କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସାମାଜିକ ସଙ୍ଗଠନ 'ମୁଁ ତୁମ ସାଥି'ର ସଂଯୋଜନାରେ ଜିଲାର ପ୍ରମୁଖ ଦେବପୀଠ କ୍ଷୀରଚୋରା ଗୋପୀନାଥ ମନ୍ଦିରରେ 'ସ୍ୱଚ୍ଛ ତୀର୍ଥକ୍ଷେତ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ, ଗିରିଧାରୀ ଦାସ, ବିଜୟ ସେଠୀ, କ୍ରିଷ୍ଣା ସାହା, ଉମାକାନ୍ତ ପଣ୍ଡାଙ୍କ ସହିତ ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ମନ୍ଦିର ଭିତର ଓ ବାହାର ଉଭୟପାର୍ଶ୍ୱରେ ସଫେଇ କରିଥିଲେ।


ମନ୍ଦିରରେ ସଫେଇ କରୁଛନ୍ତି ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

# ପୋଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ବିଲ,୨୦।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ କାରୋ ନଦୀ ପୋଲରୁ ଶନିବାର ଦିନ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ଯୋଡ଼ା ଅଞ୍ଚଳରେ ରହୁଥିବା ଝାଡ଼େଶ୍ୱର ସାହୁ(୬୨)। ଝାଡ଼େଶ୍ୱର ଟାଟା ଷ୍ଟିଲ କମ୍ପାନୀରୁ ଅବସର ପରେ ଯୋଡ଼ାରେ ସପରିବାର ରହି ବଲାଣୀ ଅଞ୍ଚଳରେ ଥିବା ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଶୁକ୍ରବାର ପିକ୍‌ନିକ୍ ଯାଉଛନ୍ତି କହି ଆସି ଆଉ ଘରକୁ ଫେରି ନ ଥିଲେ। ଶନିବାର ବଡ଼ବିଲ–ବଲାଣୀ ରାସ୍ତାରେ ଥିବା କାରୋ ନଦୀ ପୋଲରେ ମୃତଦେହ ଝୁଲୁଥିବା ଅବସ୍ଥାରେ ମିଳିଛି ବୋଲି ଝାଡ଼େଶ୍ୱରଙ୍କ ପୁଅ ମନୋରଞ୍ଜନ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି।

# 'ମା ପରି ଓଡ଼ିଆ ଭାଷାକୁ ଭଲପାଇବା ଆବଶ୍ୟକ'

ତିହିଡ଼ି,୨୦।୧(ସଞ୍ଜିତ ବଳ)

ମା' ପରି ସମସ୍ତେ ଓଡ଼ିଆ ଭାଷାକୁ ଭଲପାଇବା ଆବଶ୍ୟକ ବୋଲି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ କଲେଜରେ ଅନୁଷ୍ଠିତ 'ନୂଆ–ଓ' ଅଧୀନରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜରେ 'ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଶ୍ରୀଜଗନ୍ନାଥ' ଉପରେ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ପାଠଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ଡ. ରାଧାବିନୋଦ ନାୟକ, ମୁଖ୍ୟବକ୍ତା ଶୈଳବାଳା ମହିଳା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଜିଲା ଉତ୍କଳ ସମ୍ମିଳନୀର ସମ୍ପାଦକ ଅଜୟ କୁମାର ନାୟକ, ଅଧ୍ୟାପିକା ପଦ୍ମାଳୟା ଖଟୁଆ, ସୁଭଦ୍ରା ବେହେରା ଓ ଡ. ରାଜେନ୍ଦ୍ର ଭୁଏ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀ ବନ୍ଦେ ବିଶ୍ୱେଶ୍ୱରୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ବିଷ୍ଣୁପ୍ରିୟା ସାହୁ ଓ ସ୍ମୃତିରେଖା ବେହେରା ପ୍ରବନ୍ଧ ପାଠ କରିଥିଲେ। ପରେ ଅତିଥିମାନଙ୍କୁ ପାଠଚକ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ତିହିଡ଼ି ଉଚ୍ଚ ମାଧ୍ୟମିକ ସ୍କୁଲରେ ଅଧ୍ୟକ୍ଷ ବିଶ୍ୱଜିତ ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତହସିଲଦାର ଦେବୀପ୍ରସନ୍ନ ସାରସ୍ୱତ ଏବଂ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ଉଷାରାଣୀ ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତାଳପଦା ପଞ୍ଚାୟତ ସ୍ଥିତ ମାଣିକଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଞ୍ଜଳି ମହାନ୍ତି, ସୁଜାତା ମହାପାତ୍ର ଏବଂ ଅଧ୍ୟାପକ ସତ୍ୟବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।


ବିଏନ୍ଏମ୍ଏ କଲେଜରେ ଅନୁଷ୍ଠିତ ପାଠଚକ୍ର ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ଧାମନଗର,୨୦।୧(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ପଳିକିରି ଭଗବାନପୁର ସରକାରୀ ହାଇସ୍କୁଲରେ ସାହିତ୍ୟ ସୃଜନ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଏବଂ ଅନ୍ୟତମ ଅତିଥି ଭାବେ ପୁରାତନ ଛାତ୍ରସଂସଦ ସଭାପତି ତ୍ରିଲୋଚନ ନାୟକ, ଗଦାଧର ଖୁଣ୍ଟିଆ, ଦିବାକର ରାଉତ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ଗୁଣର ବିକାଶ ହୋଇପାରିବ ବୋଲି କହିଥିଲେ। ଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ୪ଟି କ୍ଲବ ଯଥା ସାହିତ୍ୟ ସୃଜନ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନର ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନଶିକ୍ଷକ ଅରୁଣ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଅଶୋକ କୁମାର ନାୟକ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ସୁଲୋଚନା ପାଲ, ଉର୍ମିଳା ଦାଶ, ବନ୍ଦିତା ସାହୁ, ଇତିଶ୍ରୀ ବୋଇତାଇ, ପ୍ରଦୀପ ମହାପାତ୍ର, କୋରେଶ ଖାଟେନ ବିବି ପ୍ରମୁଖ ସହଯୋଗ କରିଥିଲେ।

# ଯୋଗଦେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମହୋତ୍ସବ**

ଭୋଗରାଇ, ୨୦।୧(ପ୍ରଦୀପ ଦାସ)

ସମଗ୍ର ବିଶ୍ୱରେ ମଣିଷ ମଣିଷ ମଧ୍ୟରେ ଦୟା, ପ୍ରେମ, ସହନଶୀଳତା, ଭାଇଚାରା, ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ମଣିଷ ମାନବବାଦ ଭୁଲି ଯୁଦ୍ଧ, ହିଂସା, ସ୍ୱାର୍ଥପରତା, ଅହଙ୍କାର, ପରଶ୍ରୀକାତରତା ମାନବ ଜୀବନକୁ କବଳିତ କରୁଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀ, ନୀତି ଓ ଆଦର୍ଶ ଅବକ୍ଷୟ ଦୁନିଆକୁ ଚେତନାଦୀପ୍ତ କରି ମଧୁମୟ କରି ଗଢ଼ିତୋଳେ ବୋଲି ଶନିବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ସତ୍‌ସଙ୍ଗ ବିହାର ଶ୍ରୀମନ୍ଦିର ଭୂମିପୂଜା ଉତ୍ସବ ଓ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଆବିର୍ଭାବ ଆଶିଷ ବହନୀ ଆନ୍ତଃରାଜ୍ୟ ମହୋତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ସହସ୍ରାଧିକ ଶ୍ରଦ୍ଧାଳୁ ବ୍ରହ୍ମମୁହୂର୍ତ୍ତରେ ବେଦ, ମାଙ୍ଗଳିକ, ନହବତ, ଉଷାକୀର୍ତ୍ତନ, ପ୍ରାତଃ ବିନତି ପ୍ରାର୍ଥନା, ନାମଜପ, ସତସଙ୍ଗର ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ଆଶୀର୍ବାଦପୁଷ୍ଟ ଶୁଭ କଳସ, ମନ୍ଦିର ଗର୍ଭଗୃହରେ ଯଜ୍ଞ ଆହୁତି, ଧର୍ମ ଗ୍ରନ୍ଥାଦି ପାଠ, ଉତ୍ସବର ଶୁଭ ଉଦ୍‌ଘାଟନ, ଠାକୁର ଅନୁକୂଳ ଚନ୍ଦ୍ରଙ୍କ ତୈଳଚିତ୍ରରେ ସୁସଜ୍ଜିତ ରଥ ପରିକ୍ରମା, ସଂଗୀତାଞ୍ଜଳି, ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପୌରୋହିତ୍ୟ କରିଥିଲେ ରିତିକ ଈଶ୍ୱର ଚନ୍ଦ୍ର ଗିରି। ଡ. ବିଜୟ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରିତିକ ଇଂ. ଆଶିଷ କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି କେଦାରନାଥ ମହାନ୍ତି, ଅମରେନ୍ଦ୍ର ଲାଲ ଦତ୍ତ, ଆଶିଷ କୁମାର ମିଶ୍ର, ରୋହିଣୀ ନନ୍ଦନ ପଟ୍ଟନାୟକ, ସଞ୍ଜୟ ପାତ୍ର, ନରେନ୍ଦ୍ର ସାହୁ, ଭଗୀରଥ ପୁଷ୍ଟି, ଚକ୍ରଧର ଜେନା, ପାର୍ଥସାରଥୀ ଘୋଷାଲ, ଜତିନ୍ଦ୍ର ସାହୁ, ବିମଳ ପରିଡ଼ା ପ୍ରମୁଖ ସାଂସ୍କୃତିକ ଅବକ୍ଷୟକୁ ସୁଧାର ଆଣି ମଧୁମୟ କରି ଗଢ଼ି ତୋଳିବାକୁ ହେଲେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀ, ନୀତି ଓ ଆଦର୍ଶକୁ ପାଥେୟ ଜରୁରୀ ଅଟେ ବୋଲି ପ୍ରକାଶ କରିଥିଲେ। ୧୦ ଶ୍ରଦ୍ଧାଳୁ ଆନନ୍ଦ ବଜାର ପ୍ରସାଦ ସେବନ ପରେ ସାଂସ୍କୃତିକ ଓ ଆତସବାଜି କାର୍ଯ୍ୟକ୍ରମ କରାଯାଇଥିଲା।



ଶ୍ରୀବସ୍ତପୁର ସତ୍‌ସଙ୍ଗ ବିହାରରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥିଗଣ।

### ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ମୃତ

ସୋର, (ଜନ୍ମେଜୟ ମିଶ୍ର): ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ଶନିବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାହାନଗା ବ୍ଲକ ତାହାରପୁର ଗ୍ରାମର ସର୍ବେଶ୍ୱର ସାମନ୍ତରାୟ । ସେ ସୋର ଅଭିମୁଖେ ଆସୁଥିବା ବେଳେ ଏହି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ପଛରୁ ଧକ୍କା ଦେଇଥିଲା। ସର୍ବେଶ୍ୱର ଡିଭାଇଡରରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ପଞ୍ଚାୟତରୁ ଅର୍ପଣ ରଥରୁ ସଂଗୃହୀତ ଅର୍ଥ ଚୋରି

ବୈଶିଙ୍ଗା,୨୦।୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତ କାର୍ଯ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତ ମୁଖ୍ୟ କବାଟର ତାଲା ଭାଙ୍ଗି ଅର୍ପଣ ରଥରୁ ସଂଗୃହୀତ ଅର୍ଥ ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ବୈଶିଙ୍ଗା ପୋଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ତଦନ୍ତ କରୁଛି। ସୂଚନା ଅନୁଯାୟୀ, କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବା ଲୋକେ ଦେଖି ସରପଞ୍ଚ ଗୋପୀନାଥ ସିଂଙ୍କୁ ଖବର ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରୁ ଦୁଇଟି କମ୍ପ୍ୟୁଟର ସେଟ, ଗତ କିଛି ଦିନ ପୂର୍ବରୁ ଆସିଥିବା ଏକ ଦାମୀ ଏଲଇଡ଼ି, ଇନଭର୍ଟର, ବ୍ୟାଟେରୀ ସମେତ ଭଡ୍ଡା ଏବଂ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ ରଥ ବୁଲି ସଂଗ୍ରହ ହୋଇଥିବା ପାଖାପାଖି ୩୦ହଜାର ଟଙ୍କା ଚୋରି ହୋଇଥିବାର ସରପଞ୍ଚ, ପିଇଓ , ଜିଆରଏସ ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସରପଞ୍ଚଙ୍କ ପକ୍ଷରୁ ବୈଶିଙ୍ଗା ଥାନାରେ ଏତଲା ଦିଆଯାଇଥିଲା। ମାମଲାକୁ ଭିତ୍ତି କରି ବୈଶିଙ୍ଗା ପୋଲିସ ତଦନ୍ତ ଚଳାଇଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ଦିଗରେ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ ମିଳିପାରି ନ ଥିବା ନେଇ ଥାନାଧିକାରୀ ତପନ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

### ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୫ ବର୍ଷ ଜେଲ

କେନ୍ଦୁଝର,୨୦।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ବିଚାର ହୋଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାରେ ଅଭିଯୁକ୍ତ ଶରତ ପାତ୍ର(୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସର କାରାଦଣ୍ଡ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ତେଲକୋଇ ଥାନା କୁଣ୍ଢେଇହଡା ଗ୍ରାମର ଜଣେ ୭ ବର୍ଷ ବୟସର ନାବାଳିକା ୧ ଏପ୍ରିଲ ୨୦୨୦ରେ ଗ୍ରାମ ଦାଣ୍ଡରେ ସାଥି ପିଲାଙ୍କ ସହ ଖେଳୁଥିଲେ। ଶରତ ଚକୋଲେଟ ଏବଂ ବିସ୍କୁଟ ଦେବ କହି ଘର ଭିତରକୁ ଡାକିନେଇ ବଳାତ୍କାର କରିଥିଲେ। ଝିଅର ମାଆ ଜାଣିବା ପରେ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେଲକୋଇ ପୋଲିସ ଏକ ମାମଲା(ନଂ. ୪୭/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଶନିବାର ଦିନ ପୋକ୍ସ କୋର୍ଟର ବିଚାରପତି ୧୫ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ରିପୋର୍ଟକୁ ଭିତ୍ତି କରି ଉପରୋକ୍ତ ରାୟ ପ୍ରକାଶ କରିଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ମିନି ନିଯୁକ୍ତିମେଳା: ୨୧୬ ଆଶାୟୀ ଚୟନ

ଭଦ୍ରକ,୨୦।୧(ସନାତନ ରାଉତ)

ଜିଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ କଲେଜ ଖେଳପଡ଼ିଆରେ ଜିଲାସ୍ତରୀୟ ଦିନିକିଆ ମିନି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗଦେଇ ବେକାର ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ମେଳାର ଆବଶ୍ୟକତା ଉପରେ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜିଲା ନିୟୋଜନ ଅଧିକାରିଣୀ ଅନୀତା ନାୟକ ଆଭିମୁଖ୍ୟ ଓ ନିଯୁକ୍ତି ପ୍ରଦାନକାରୀ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସମୁଦାୟ ୨୨ଟି କମ୍ପାନୀ ନିଯୁକ୍ତିଦାତା ଭାବେ ଏଥିରେ ସାମିଲ ଥିବାବେଳେ ୬୬୭ ଆଶାୟୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୧୬ଜଣଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ତାଲିକାଭୁକ୍ତ କରାଯାଇଛି।

# ମନ୍ଥର ଗତିରେ ଆମିଷ ବଜାର ନିର୍ମାଣ

ଚମ୍ପୁଆ,୨୦।୧(ମହେଶ୍ୱର ଦାସ)

**ରାଜପଥ କଡ଼ରେ ଚାଲିଛି ବ୍ୟବସାୟ**


ଆମିଶ ବଜାର ପାଇଁ ପ୍ରସ୍ତାବିତ ସ୍ଥାନରେ ମାଟି ପଡ଼ିଛି।

ବ୍ୟବସାୟୀମାନଙ୍କୁ ଥଇଥାନ କରିବାକୁ ଚମ୍ପୁଆ ଏନ୍‌ଏସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ବସି ଦୀର୍ଘ ଦିନ ଧରି ମାଛ, ମାଂଶ ବେପାର କରୁଥିବା ବେପାରୀଙ୍କୁ ଆଜି ପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ଏନ୍‌ଏସି ପକ୍ଷରୁ ସ୍ୱତନ୍ତ୍ର ମାଛ ବଜାର ନିର୍ମାଣ ଚାଲିଥିବା ବେଳେ ବର୍ଷେ ହେବ କାମ ଆଗେଇ ପାରୁନି। ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

ସୂଚନା ଅନୁଯାୟୀ, ବଜାରଟି ଓଡ଼ିଶା ଓ ଝାଡଖଣ୍ଡ ସୀମାରେ ରହିଛି। ପ୍ରାୟ ୧୫ ବର୍ଷ ତଳେ ଏହି ବଜାରଟି ବସ୍‌ଷ୍ଟାଣ୍ଡ ନିକଟରେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କ ଥଇଥାନ ନିମନ୍ତେ ପ୍ରଥମେ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରେଖା ବଣଠାରେ ଏହି ବଜାର ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିଦ୍ୟାଳୟ ସମ୍ମୁଖରେ ମାଛ, ମାଂଶ ବଜାର ନ ରହୁ ବୋଲି ଅଭିଯୋଗ ହେବାରୁ ଏମାନଙ୍କୁ ଅସ୍ଥାୟୀ ଭାବରେ କଳା ବନ୍ଧ ନିକଟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବେପାରୀମାନେ ବ୍ୟବସାୟର ସୁରକ୍ଷା ଦୃଷ୍ଟିରୁ ତଥା ଉକ୍ତ ଚିହ୍ନଟ ସ୍ଥାନଟି ବର୍ଡରକୁ ଲାଗି ରହିଥିବାରୁ ସ୍ଥାନ ଚିହ୍ନଟକୁ ପ୍ରତ୍ୟାଖାନ କରି ବର୍ଡର ପୂର୍ବରୁ ୫୦୦ ମିଟର ଦୂରରେ ବ୍ୟବସାୟ ଆରମ୍ଭ କରିଥିଲେ। ସେହି ଦିନଠାରୁ ଫୁଟ୍‌ପାଥ୍‌ରେ ବ୍ୟବସାୟ କରି ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଘର ବା ପିଣ୍ଡି ଟିଏ ଏମାନଙ୍କ ଭାଗ୍ୟରେ ଜୁଟି ନାହିଁ। ରାସ୍ତାକଡ଼ରେ ବ୍ୟବସାୟ ହେଉଥିବା ବେଳେ ଅଞ୍ଚଳ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏପରିକି ଏହି ବଜାର ନିକଟରେ ବାଳିକା ଉଚ୍ଚ ବିଦ୍ୟାଳୟ, କସ୍ତୁରବା ହଷ୍ଟେଲ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ରହିଛି। ଏଠାରେ ଉପୁଜୁଥିବା ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଏନ୍‌ଏସି ପକ୍ଷରୁ ବ୍ଲିଚିଂ ପାଉଡର ପକାଇ କାର୍ଯ୍ୟ ସମାପନ କରାଯାଉଛି। ଏନ୍‌ଏସି ପକ୍ଷରୁ ବର୍ଷେ ତଳେ ପଦକ୍ଷେପ ଗ୍ରହଣ କରାଯିବା ସହିତ ବାବୁ ବନ୍ଧ କୁହାଯାଉଥିବା କେନାଲ କଡ଼ରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆଡିବନ୍ଧ କରାଯାଇ ମାଟି ସମତୁଲ କରାଯାଇଛି। ମାତ୍ର ଆଜିପର୍ଯ୍ୟନ୍ତ ବଜାରର ଆବଶ୍ୟକ ଗୃହ ବା ପିଣ୍ଡି ନିର୍ମାଣ ହୋଇ ପାରିନାହିଁ। ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ କହିଛନ୍ତି, ମକର ପାଇଁ କାମ ଆଗେଇ ପାରୁନାହିଁ। ଗାଡ୍‌ୱାଲ କାମ ସରିଯାଇଛି। ଖୁବ ସିଘ୍ର ୨୧ ଗୋଟି ଦୋକାନୀଙ୍କୁ ସେଠାରେ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବ।

## ୨୨ରେ ଆମିଷ ଦୋକାନ ବନ୍ଦ କରିବାକୁ ସ୍ମାରକପତ୍ର


ସ୍ମାରକପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

ତେଲକୋଇ,୨୦।୧(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଭାଜପା ପକ୍ଷରୁ ଜାନୁଆରୀ ୨୨ ତାରିଖରେ ଅଞ୍ଚଳରେ ଆମୀଷ ଦୋକାନ ବନ୍ଦ କରିବାକୁ ଦାବି ହୋଇଛି। ସେ ଦିନ ଅଯୋଧ୍ୟାରେ ପ୍ରଭୁ ଶ୍ରୀ ରାମଙ୍କ ମନ୍ଦିରରେ ପ୍ରାଣ ପତିଷ୍ଠା ଉତ୍ସବ ହେବାକୁ ଯାଉଛି। ଫଳରେ ତେଲକୋଇ ବ୍ଲକରେ ଥିବା ମନ୍ଦିର ତଥା ଘରେ ଘରେ ଘରେ ଉତ୍ସବ ପାଳନ କରାଯିବ। ଏନେଇ ବ୍ଲକ୍‌ରେ ଥିବା ସମସ୍ତ ଆମୀଷ ଦୋକାନ, ମଦ ଦୋକାନ ବନ୍ଦ କରିବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ଦ୍ୱାରା ସମସ୍ତ ହିନ୍ଦୁ ସମାଜର ରକ୍ଷା କରାଯାଇ ପାରିବ ବୋଲି ବ୍ଲକ୍ ସଭାପତି ସତ୍ୟପ୍ରିୟ ବିଶୋଇ ପ୍ରକାଶ କରିଛନ୍ତି। ଖଗେଶ୍ୱର ପ୍ରଧାନ, ପ୍ରଫୁଲ୍ଲ କିଶାନ, ଆଇଁଠୁ ପ୍ରଧାନ, ଯୁବ ମୋର୍ଚ୍ଚା ସଭାପତି କିର୍ତ୍ତି ପ୍ରସାଦ ସାହୁ, ସନ୍ତୋଷ ପ୍ରଧାନ, ଉପେନ୍ଦ୍ର ମହାନ୍ତ, ପ୍ରମୋଦ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଚିଡ଼ିଆପୋଲ, ଫକୀରମୋହନ ଗୋଲେଇରେ ଲାଗିଲା ସିସିଟିଭି କ୍ୟାମେରା


ଚିଡ଼ିଆପୋଲଠାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ବାଲେଶ୍ୱର, ୨୦।୧(ମାନସ ବିଶ୍ୱାଳ)

ବାଲେଶ୍ୱର ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ସହଯୋଗ' ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକରେ ଲଗାଯାଉଛି ସିସିଟିଭି କ୍ୟାମେରା। ଏହି କ୍ରମରେ ଶନିବାର ସହରର ଚିଡ଼ିଆପୋଲ ଓ ଫକୀରମୋହନ ଗୋଲେଇ ଅପରପାର୍ଶ୍ୱରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଉଦ୍‌ଘାଟନ କରାଯାଇଛି।

ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏହାକୁ ଉଦ୍‌ଘାଟନ କରି 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଉଡ୍ ଫଣ୍ଡିଂ ଜରିଆରେ ବାଲେଶ୍ୱର ସହରର ସାଧାରଣଜନତାଙ୍କ ଦ୍ୱାରା ମିଳିତ ଭାବେ କିଛି ଛକମାନଙ୍କରେ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ବାଲେଶ୍ୱର ସହର ଓ ଆଖପାଖ ୧୬ଟି ସ୍ଥାନରେ ସିସିଟିଭି ଲଗାଯାଇଥିବା ବେଳେ ଅନ୍ୟ ୧୪ଟି ସ୍ଥାନକୁ ଚିହ୍ନଟ କରାଯାଇଛି। ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯିବ। ଏଥିପାଇଁ ବାଲେଶ୍ୱରର ଅଗ୍ରଣୀ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଓଡି ନେଟ ଇନ୍‌ଫକମ୍‌ର ଫାଇବର ନେଟୱାର୍କ ବ୍ୟବହାର କରାଯାଉଛି। ଚିଡିଆପୋଲଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ବାଲେଶ୍ୱରର ଫ୍ୟାଶନ ଜୋନ ଓ ଫକୀର ମୋହନ ଗୋଲେଇ ଅପରପାର୍ଶ୍ୱ ପାଇଁ ଓଡିୱାନ ଓ ମନ୍ତ୍ରା ବିୟୁଟି ସ୍ପା ସହଯୋଗ ପ୍ରଦାନ କରିଥିବାରୁ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ମଧ୍ୟ ବାଲେଶ୍ୱର ପୋଲିସକୁ ସହଯୋଗ ପ୍ରଦାନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଆଡିଶନାଲ ଏସ୍‌ପି ପ୍ରଦୀପ କୁମାର ଦଳେଇ, ଡିଏସ୍‌ପି ଆଲୋକ ରଞ୍ଜନ ରାୟ, ସଦର ଏସ୍‌ଡ଼ିପିଓ ଡ. ଶଶାଙ୍କ ଶେଖର ବେହୁରା, ବସ୍ତା ଏସ୍‌ଡିପିଓ ମାନସ ଦେଓ, ସହଦେବଖୁଣ୍ଟା ଥାନା ଆଇଆଇସି ପ୍ରେମପ୍ରଜ୍ଞା ମହାନ୍ତି ପ୍ରମୁଖଙ୍କ ସହ ମନ୍ତ୍ରା ବିୟୁଟି ସ୍ପାର ମୁଖ୍ୟ ବନମାଳା ଦାସ ମହାପାତ୍ର, ସୁମିତ୍ରା ମାହାଲ, ଓଡିୱାନର ଦେବସ୍ମାନ ଦାସମହାପାତ୍ର, ଦେବଜ୍ୟୋତି ଦାସମହାପାତ୍ର, ଶର୍ମିଷ୍ଠା ଜେନା, ପ୍ରିୟଙ୍କା ଜେନା, ଫ୍ୟାଶନ ଜୋନ୍‌ର ମୁଖ୍ୟ ରାକେଶ ଅଗ୍ରୱାଲ, ରାମ ବିଳାସ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସୁନୀଲ ମୋଦି, କୋଏଲ ଅଗ୍ରୱାଲ ଓ ନାରାୟଣ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ବେଆଇନ ମଦ ବେପାରୀ ଗିରଫ

### ୫ ବର୍ଷ ହେଲା ଚଳାଇଥିଲେ ନକଲି ମହୁଲି ମଦ କାରବାର

ଖଇରା, ୨୦।୧(ଉତ୍କଳବନ୍ଧୁ ପଣ୍ଡା)

ଖଇରା ଥାନା ଅଞ୍ଚଳରେ ନକଲି ବିଷାକ୍ତ ମଦ ଯୋଗାଇ ଆତଙ୍କ ସୃଷ୍ଟି କରିଥିବା ବିହାରୀ ମଦ ବେପାରୀ ରମେଶ କୁମାର ଓ ସହଯୋଗୀ ମହାବିର ସାହୁଙ୍କୁ ପୋଲିସ ଗିରଫ କରିଛି। ଖଇରା ଆଇଆଇସି ଗୟାଧର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ମନସ୍ମିତା ମହାନ୍ତି ଚଢାଉ କରିଥିଲେ। ଶୁକ୍ରବାର ରାତିରେ କାବୁ କରିବା ପରେ ଶନିବାର କୋର୍ଟଚାଲାଣ କରିଛି । ରମେଶ କୁମାର ଅନ୍ୟ କିଛି ବିହାରୀ ଯୁବକଙ୍କ ସହ ମିଶି ଗତ ୫ବର୍ଷ ହେଲା ନକଲି ମହୁଲି ମଦ ଖଇରା ଥାନା ଅଧୀନରେ ଗାଁ ଗାଁକୁ ଯୋଗାଇ ଆସୁଥିଲା। ଏଭଳିକି ଅନ୍ତରା, ଉଜୁରା, ବାରାପୁର, ଗରସଙ୍ଗ, କୁପାରୀ, ଖଇରା, ବର୍ତ୍ତନା, ଗଣ୍ଡିବେଡ, ଦୁଡିଗଡିଆ ଭଳି ବଜାରଗୁଡିକର କିଛି ପାନ ତେଜରାତି ଦୋକାନରେ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ପୋଲିସ ଦୀର୍ଘଦିନ ଧରି ଏହି ବିହାରୀ ବିକ୍ରେତାଙ୍କୁ ଖୋଜି ବୁଲୁଥିବା ବେଳେ ଶୁକ୍ରବାର ରାତିରେ ଗଡପୋଖରୀ ପଞ୍ଚାୟତ କଦଳୀଗଡିଆ ଗ୍ରାମ ନିକଟରୁ ୨୦୦ଲିଟର ମହୁଲି ମଦ ସହ ଏହି ୨ଜଣଙ୍କୁ ଗିରଫ କରିଥିଲା। ଏହି ମଦ ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ବିହାରୀ ବିକ୍ରେତାମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି ।

## ରାଣୀତଲାଓ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଦ୍ରକ, ୨୦।୧(ରବିନାରାୟଣ ଖିଲାର)

ଭଦ୍ରକର ରାଣୀତଲାଓ ସରକାରୀ ଉଚ୍ଚ ବିଦ୍ୟାଳୟର ୩୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତିଶଳପୁର ସାଧନକେନ୍ଦ୍ରର ସିଆର୍‌ସିସି ପ୍ରଶାନ୍ତ ବାରିକ, ମୁଖ୍ୟବକ୍ତା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗୀରଥି ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୁବୋଧ କୁମାର ସାହୁ, ନିର୍ମଳ ଚନ୍ଦ୍ର ମାଇତି, ମୋ ସ୍କୁଲ ଅଭିଯାନର ସଭାପତି ଗଣେଶ ପ୍ରସାଦ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ରାଜେନ୍ଦ୍ର ଦାଶ, ତିଲୋତ୍ତମା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ମନୋରମା ରାୟ। କ୍ରୀଡ଼ା ଶିକ୍ଷୟିତ୍ରୀ ଆରତି ବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଦୁଇଦିନ ଧରି କ୍ରୀଡ଼ା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ମନୋରମା ରାୟ ଓ ଚନ୍ଦ୍ରିକା ମୁଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ସଦସ୍ୟ ଅଞ୍ଜନ ଲେଙ୍କା, ପ୍ରଦୀପ ବେହେରା, ପୀତାମ୍ବର ଦାଶ, ଜଗବନ୍ଧୁ ମହାପାତ୍ର, ଲକ୍ଷ୍ମୀଧର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କୃଷିକବି ଅରୁଣ ପାତ୍ରଙ୍କୁ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ' ପୁରସ୍କାର


ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ଉତ୍ସବରେ ଅରୁଣ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୨୦।୧ (ସନାତନ ରାଉତ)

ଭଦ୍ରକ ଜିଲା ବିଷ୍ଣୁପୁରବିନ୍ଧା ଗ୍ରାମର କୃଷିବିତ୍ ତଥା ଯାଜପୁର ରୋଡ୍‌ର କୃଷି ଜିଲାଧିକାରୀ ଅରୁଣ କୁମାର ପାତ୍ରଙ୍କୁ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ' ପୁରସ୍କାର ପ୍ରଦାନ କରାଯାଇଛି। ଗୁରୁବାର ଭୁବନେଶ୍ୱର ଜୟଦେବ ଭବନରେ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ଆୟୋଜିତ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି। ସେ ଓଡ଼ିଶାର ଗଦ୍ୟଧର୍ମୀ କୃଷି ଜ୍ଞାନକୌଶଳକୁ ପଦ୍ୟରେ ରୂପାନ୍ତରିତ କରିଛନ୍ତି। ତାଙ୍କ ରଚିତ 'ଭାଗବତ ଛନ୍ଦେ କୃଷି ବିଜ୍ଞାନ', 'ଅରୁଣ କୃଷି ବଚନ', 'କୃଷି ବୋଲି ହୋ ଚାଷର ଭାଇ ହୋ', 'କୃଷି ଚାଳିଶା ଓ କୃଷି ଚଉତିଶା', କୃଷିଭିତ୍ତିକ ବିଭିନ୍ନ ଗୀତିନାଟ୍ୟର ସାମଗ୍ରିକ ପ୍ରକାଶନ ପ୍ରାୟ ୧୦ ହଜାର ପଦ୍ୟ ସମ୍ବଳିତ 'କୃଷକଙ୍କ ଭାଷାରେ କୃଷି ବିଜ୍ଞାନ' ପୁସ୍ତକ ୨୦୨୧ ବର୍ଷ ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ସାଧାରଣ ବର୍ଗରେ ଶ୍ରେଷ୍ଠ ପୁସ୍ତକ ଭାବେ ବିବେଚିତ ହୋଇଛି। ଏଥିପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉତ୍ତରୀୟ, ମାନପତ୍ର ଓ ନଗଦ ଅର୍ଥରାଶି ସହ ଫଳକ ପ୍ରଦାନ ପୂର୍ବକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ମତଦାନ କେନ୍ଦ୍ର ପରିବର୍ତ୍ତନ ପାଇଁ ସର୍ବଦଳୀୟ ବୈଠକ

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଜିଲାର ୯ ବିଧାନସଭା କ୍ଷେତ୍ର ଓ ଗୋଟିଏ ଲୋକସଭା ଆସନରେ ମତଦାନକୁ ଦୃଷ୍ଟିରେ ରଖି ଏକ ସର୍ବଦଳୀୟ ବୈଠକ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଥିବା ମତଦାନ କେନ୍ଦ୍ରଗୁଡ଼ିକର ନାମକରଣ ଏବଂ କେନ୍ଦ୍ରମାନଙ୍କର ସ୍ଥାନ ପରିବର୍ତ୍ତନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ସୂଚନାଯୋଗ୍ୟ, ସମଗ୍ର ଜିଲାରେ ୮୦ଟି ମତଦାନ କେନ୍ଦ୍ରର ପୁନଃ ନାମକରଣ ଏବଂ ୧୦ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରାଯାଇ ନିର୍ବାଚନ ଆୟୋଗଙ୍କ ନିକଟକୁ ଆବେଦନ ପାଇଁ ପଠାଯାଇଛି। ଜିଲାର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ୯ଟି, ବଡ଼ସାହିରେ ୩ଟି, ବାରିପଦାରେ ୨୧ଟି, ମୋରଡ଼ାରେ ୧୪ଟି ଓ ଉଦଳାରେ ୩୩ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ ପାଇଁ ଜିଲାପାଳ ଅନୁମୋଦନ କରିଛନ୍ତି। ସେହିପରି ବଡ଼ସାହି ନିର୍ବାଚନ ମଣ୍ଡଳୀର ୪ଟି, ବାରିପଦାର ୪ଟି ଓ ମୋରଡା ନିର୍ବାଚନ ମଣ୍ଡଳୀର ୨ଟିକୁ ମିଶାଇ ମୋଟ ୧୦ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ପାଇଁ ନିର୍ବାଚନ ଆୟୋଗଙ୍କ ନିକଟରେ ଆବେଦନ କରାଯାଇଛି। ବୈଠକରେ ରାଜ୍ୟ ଓ ଜାତୀୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲାପାଳ ନାମକରଣ ଓ ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ପ୍ରସ୍ତାବପତ୍ର ଯାଞ୍ଚ କରିଥିଲେ। ବୈଠକରେ ଭାଜପାର ଜିଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର, ଆମ ଆଦମୀ ପାର୍ଟିର ଶଙ୍କର ମିଶ୍ର, ଜାତୀୟ କଂଗ୍ରେସର ମୋତି ପ୍ରକାଶ ଦାଶ, ସିପିଆଇ(ଏମ୍)ର ପ୍ରତିନିଧି ଅମଲ ଦେ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲା ପ୍ରଶାସନର ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର ଦୁର୍ଗା ଚରଣ ମୁର୍ମୁ, କପ୍ତିପଦାର ପ୍ରତୀକ କୁମାର ପଣ୍ଡା, ବାରିପଦାର ଅନିଲ କୁମାର ମହାନ୍ତ, ସହକାରୀ ଜିଲାପାଳ ନିହାର ରଞ୍ଜନ ଦାସ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ,୨୦।୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ପାଖ ନେଙ୍କୁଡ଼ିଶୁଣୀ ପୀଠ ନିକଟରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ପୁରୀରୁ ଆସିଥିବା ପୂଜକ ମଣ୍ଡଳୀ ଦ୍ୱାରା ପ୍ରତିଷ୍ଠା ଉତ୍ସବ ପୂଜା ଶୁଭାରମ୍ଭ ହୋଇଥିବା ବେଳେ ମାର୍କଣ୍ଡ ବାବା ସଂକଳ୍ପ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ପ୍ରତ୍ୟୁଷରୁ ବିଭିନ୍ନ ପୂଜା ଅନୁଷ୍ଠିତ ହୋଇଥିଲା। ହୋମଯଜ୍ଞ, ବେଦପାଠ ହୋଇଥିଲା। ତିନିଦିନ ବ୍ୟାପୀ କାର୍ଯ୍ୟକ୍ରମ ହେଉଥିବା ବେଳେ ଉଦ୍‌ଯାପନୀ ଦିବସରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ମନ୍ଦିରକୁ ପ୍ରବେଶ କରିବେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗ ଦେଇଛନ୍ତି।

## ୨୪୧ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ବାଙ୍ଗିରିପୋଷି,୨୦।୧(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ୍‌ର ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ମଣିଭଦ୍ର ସେଣ୍ଠଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଅଧ୍ୟାପକ ତଥା ପ୍ରୋଗ୍ରାମ ଅଫିସର ଡ଼.ଗଜେନ୍ଦ୍ର ନନ୍ଦ ଛାତ୍ରୀ ଆତ୍ମରକ୍ଷା ତାଲିମ ସମ୍ପର୍କରେ ଆଲୋଚନା କରିବା ସହ ଶିବିର ମହତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଶିବିରରେ ମୋଟ ୨୪୧ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା ଭାବେ ଇପ୍ସିତା ପଣ୍ଡା ତାଲିମ ଦେଇଥିଲେ। ବିଦ୍ୟାଳୟର ଅଧ୍ୟାପିକା ମିନତୀ ମହାନ୍ତ, ଲିପି ନାୟକ, କଳ୍ପିତା ପାଢ଼ୀ, ସୁକାନ୍ତି ମହାନ୍ତ, ଦେବସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



ତାଲିମ ଶିବିରରେ ପ୍ରଶିକ୍ଷକ ଓ ଅତିଥିମାନେ।

## ଓଡ଼ିଆ ଭାଷା ପାଇଁ ବିଶ୍ୱରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

ରୂପସା, ୨୦।୧(ବାଞ୍ଛାନିଧି ଦେ)

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ସରକାରଙ୍କ ନୂଆ ଓ ଯୋଜନା ଆନୁକୂଲ୍ୟରେ ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ଓଡ଼ିଆ ଭାଷା ସାହିତ୍ୟ ସମଗ୍ର ବିଶ୍ୱରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଗଭର୍ଣ୍ଣିଂ ବଡ଼ିର ପୂର୍ବତନ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ସମୃଦ୍ଧି ପାଇଁ ବାଲେଶ୍ୱର ଜିଲାବାସୀଙ୍କ ଅବଦାନ ଅତୁଳନୀୟ


ଉତ୍ସବରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ଶୁଭେଚ୍ଛୁ ତପନ କୁମାର ନାୟକ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ମଞ୍ଚାସୀନ ଥିଲେ। ଯୁକ୍ତ ୩ ନୋଡ଼ାଲ ଅଫିସର ଅଧ୍ୟାପକ ହରେନ୍ଦ୍ର ଗାଁଣ ଓ ଯୁକ୍ତ ୨ ନୋଡ଼ାଲ ଅଫିସର ଅଧ୍ୟାପକ ଶ୍ରୀଧର ବେହେରା ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ରଶ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନାପୂର୍ବକ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। କମିଟି ମେମ୍ବର ପ୍ରାଧ୍ୟାପିକା ନୀଳିମା ପାତ୍ର, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଅଧ୍ୟାପକ ଚନ୍ଦନ କୁମାର ଦାସ ଓ ପ୍ରଶାନ୍ତ ସିଂଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଚନ୍ଦନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**୨ ବାଇକ୍ ମୁହାଁମୁହିଁ: ବୋହୂ ମୃତ, ଶ୍ୱଶୁର ଗୁରୁତର**

ଜଳେଶ୍ୱର, (ରବିନାରାୟଣ ପାତ୍ର)- ଜଳେଶ୍ୱର ପଶ୍ଚିମବାର୍ଡ ରୋଡ଼୍‌ରେ ବର୍ତ୍ତନା ଗ୍ରାମର ଅରୁଣ କୁମାର ଜେନା ଓ ତାଙ୍କ ବଡ ବୋହୂ ମିଲିରାଣୀ (୨୨) ବାଇକରେ ଜଳେଶ୍ୱରରୁ ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ଅନ୍ୟ ଏକ ବାଇକ୍ ଆସି ଧକ୍କା ଦେଇଥିଲା । ଧକ୍କା ଦେଇଥିବା ବାଇକ୍ ଚମ୍ପଟ ମାରିଥିବା ବେଳେ ଅରୁଣ ଜେନାଙ୍କ ବାଇକ୍ ଭାର୍ଗିରୁଜି ଯାଇଥିଲା । ଗାଡି ଚଳାଉଥିବା ଶ୍ୱଶୁର ଅରୁଣ ଗୁରୁତର ହୋଇଥିଲେ । ମିଲିଙ୍କୁ ରକ୍ତ ଜୁଡୁବୁଡ ଅବସ୍ଥାରେ ଜିକେଭଛର ହସ୍ପିଟାଲକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ସଂକ୍ଷେପରେ

### ୫୮ ବର୍ଷରେ ବାଘଡ଼ାରୋଡ୍ ସୂର୍ଯ୍ୟପୂଜା

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପବିତ୍ର ଶାମ୍ବଦଶମୀରେ ବାରିପଦା ବାଘଡ଼ାରୋଡ଼ସ୍ଥିତ ପୂଜା ମଣ୍ଡପରେ ସୂର୍ଯ୍ୟଙ୍କ ପୂଜା ରୀତିନୀତି ଅନୁଯାୟୀ ସମାପନ ହୋଇଛି । ଚଳିତ ବର୍ଷ ୫୮ତମ ସୂର୍ଯ୍ୟପୂଜାରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରି ଭକ୍ତମାନେ କୃପା ଲାଭ କରିଛନ୍ତି। ସୁସଜ୍ଜିତ ତୋରଣ ସାଙ୍ଗକୁ ଝିଲିମିଲି ଆଲୋକମାଳା ମଣ୍ଡପ ମଧ୍ୟରେ ରଥାରୁଢ଼ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରାଯାଇଛି। କମିଟି ପକ୍ଷରୁ ଶନିବାର ସକାଳୁ ଚିପଟ ଓ ବୁଢ଼ାବଳଙ୍ଗ ନଦୀର ମିଳନ ସ୍ଥଳ ଘାଟରୁ ଘଟୋତଳୋନ କରାଯାଇଥିଲା। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି, ସଙ୍କୀର୍ତ୍ତନ ଓ ନୃତ୍ୟବାଦ୍ୟରେ ଭକ୍ତମାନେ ପୂଜା ମଣ୍ଡପରେ ପହଞ୍ଚିଥିଲେ। ବ୍ରାହ୍ମଣଙ୍କ ଦ୍ୱାରା ଯଥାରୀତି ନୀତି ଅନୁଯାୟୀ ମୃଣ୍ମୟ ମୂର୍ତ୍ତିର ପୂଜା କାର୍ଯ୍ୟ କରାଯାଇଥିଲା। ପୁରାଣ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ଓ ଜାମ୍ବବତୀଙ୍କ ପୁତ୍ର ଶାମ୍ବ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ସେ ସୂର୍ଯ୍ୟ ଦେବତାଙ୍କୁ ଉପାସନା କରି ଆଜିର ଦିନରେ ଆରୋଗ୍ୟ ପ୍ରାପ୍ତ ହୋଇଥିଲେ। ଏଣୁ କିମ୍ବଦନ୍ତୀ ଅନୁଯାୟୀ ସୂର୍ଯ୍ୟଦେବଙ୍କୁ ଆଜିର ଦିନରେ ପୂଜାକଲେ ଭକ୍ତମାନେ ନିରୋଗ ରହିବା ସହ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ପୁରାଣ ବର୍ଣ୍ଣିତ ରହିଛି । ଏହି ବିଶ୍ୱାସକୁ ନେଇ ଭକ୍ତମାନେ ପୂଜା ଅର୍ଚ୍ଚନା କରି ପ୍ରଭୁଙ୍କ ଆଶିଷ ଲାଭ କରିଛନ୍ତି । ସେହିପରି ବାରିପଦାର ପିଆରଏମ ମେଡିକାଲ ଛକରେ ସୂର୍ଯ୍ୟଙ୍କ ପୂଜା ଅନୁଷ୍ଠିତ ହୋଇଛି ।

### ମାକିଡ଼ିଆ ଘାଟ ଉପରେ ପୋଲ ନିର୍ମାଣ ଲାଗି ମାପଚୁପ

ଜଳେଶ୍ୱର, ୨୦।୧(ନବୀନ ସାହୁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ ୧୬ତାରିଖରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜଳେଶ୍ୱର ଗସ୍ତ ସମୟରେ ମାକିଡ଼ିଆ ପଞ୍ଚାୟତବାସୀଙ୍କ ତରଫରୁ ସରପଞ୍ଚ ବିଷ୍ଣୁପ୍ରିୟା ଘୋଷ ଓ ସମିତିସଭ୍ୟା ସୁପ୍ରଭା ଘଡ଼େଇ ଓଡ଼ିଶାରୁ ପଶ୍ଚିମବଙ୍ଗ ଯିବା ପାଇଁ ସୁବର୍ଣ୍ଣରେଖା ନଦୀ ମାକିଡ଼ିଆ ଘାଟ ଉପରେ ଏକ ସ୍ଥାୟୀ ପକ୍କା ପୋଲ ନିର୍ମାଣ ପାଇଁ ଦାବିପତ୍ର ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶନିବାର ଜଳେଶ୍ୱର ତହସିଲ ଓ ପୂର୍ତ୍ତ ବିଭାଗର ମିଳିତ ସହଯୋଗରେ ମାପଚୁପ ଆରମ୍ଭ ହେଇଛି । ଜଳେଶ୍ୱର ପୂର୍ତ୍ତ ବିଭାଗର ଡ଼ିଲିଙ୍ଗ ଆସିଷ୍ଟାଣ୍ଟ ଜେଇ କରୁଣାକର ବେହେରା, ଟ୍ରେନି ଇଞ୍ଜିନିୟର ସୁବାସ ଭୂୟାଁ ଓ ଦେଶବନ୍ଧୁ ସାମଲ ଉପସ୍ଥିତ ଥିଲେ । ତହସିଲ ପକ୍ଷରୁ ଅମିନ ଗୌରାଙ୍ଗ ଚନ୍ଦ୍ର ଜେନା, ପ୍ରତାପ ଭଞ୍ଜ, ଓଲମରା ରାଜସ୍ୱ ନିରୀକ୍ଷକ ନିଶି କାନ୍ତ ସିଂ, ସୁପରଭାଇଜର ଗୋପାଳ ମାଝି ଉପସ୍ଥିତ ଥିଲେ । ପଞ୍ଚାୟତ ପକ୍ଷରୁ ନିମାଇଁ ଘୋଷ, ସମୀର ଘଡ଼େଇ, ସଞ୍ଜୟ ଘୋଷ, ରତିକାନ୍ତ ସେନାପତି, ଦୀପକ କାପୁଡ଼ି, ପୁଲିନକାନ୍ତ ପତି, ଚନ୍ଦ୍ରକାନ୍ତ ଦାସ, ଉତ୍ତମ ମହାନ୍ତି, ନୟନ ପାତ୍ର, ଶ୍ୟାମସୁନ୍ଦର ବାରିକ ପ୍ରମୁଖ ରହିଥିଲେ । ଏହି ପୋଲ ନିର୍ମାଣ ହେଲେ ରାଇବଣିଆ ଥାନା ଅଧୀନରେ ଥିବା ଖୁଆଡ଼, ଶ୍ୟାମନଗର, ବରଡ଼ିହା, ସର୍ଦ୍ଧାରବନ୍ଧ, କାଳିକ, କେଏମ ସାହି ଓ ରାଇବଣିଆ, ମାକିଡ଼ିଆ ପଞ୍ଚାୟତବାସୀ ଉପକୃତ ହେବା ସହିତ ଏବଂ ମୟୂରଭଞ୍ଜବାସୀଙ୍କ କୋଲକାତା ଯିବା ପାଇଁ ପ୍ରମୁଖ ରାସ୍ତା ସାଜିବ ଏହି ପୋଲ ।

# ଭୀମକୁଣ୍ଡ ସ୍ୱତୀଘାଟରେ ଦାମୋଦର ମେଳା



■ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ
■ ୧୨୩୬ ଅସ୍ଥି ବିସର୍ଜନ

ଠାକୁରମୁଣ୍ଡା,୨୦।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ବୈତରଣୀ ନଦୀ ସଙ୍ଗମସ୍ଥଳର ସ୍ୱତୀଘାଟରେ ଶନିବାର ସାନ୍ତାଳ ସମ୍ପ୍ରଦାୟର ଦାମୋଦର ମେଳା (ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ) ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୧୨୩୬ ଅସ୍ଥି ବିସର୍ଜନ କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲା ସହ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ଶ୍ରଦ୍ଧାଳୁ ଆସି ଏଠାରେ ଅସ୍ଥି ବିସର୍ଜନ କରିଛନ୍ତି। ମେଳାରେ ପ୍ରାୟ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

ସାନ୍ତାଳ ସମ୍ପ୍ରଦାୟର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡଦାନ ଓ ଶ୍ରାଦ୍ଧ କର୍ମକୁ ଦାମୋଦର ଯାତ୍ରା କହିଥାନ୍ତି। ପରିବାରର ମୃତ ବ୍ୟକ୍ତିଙ୍କ ସଂସ୍କାର ପରେ ତାଙ୍କ ଅସ୍ଥିକୁ ଏକ ଗଛ ମୂଳେ ମାଟି ତଳେ ପୋତି ରଖିଥାନ୍ତି। ପୋତି ରଖିଥିବା ଅସ୍ଥିକୁ ପୂର୍ବଦିନ ପରିବାର ସଦସ୍ୟମାନଙ୍କ ଦ୍ୱାରା ବାହାର କରାଯାଇଥାଏ। ଏହାକୁ ଏକ ହଳଦୀ ବୋଳା କପଡ଼ାରେ ଗୁଡ଼ାଇ ପରିବାରର ଜଣେ ସଦସ୍ୟଙ୍କ ବେକରେ କିମ୍ବା ଅଣ୍ଟାରେ ବାନ୍ଧି ପରିବାର ସହ ଅସ୍ଥି ବିସର୍ଜନ କରିବାକୁ ଆସିଥାନ୍ତି। ଆସିବା ବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ଅସ୍ଥି ବିସର୍ଜନ ସ୍ଥଳରେ ପହଞ୍ଚି ବୈତରଣୀ ନଦୀ କୂଳରେ ଥିବା ବାଲିରେ ମଣ୍ଡପ କରି ବିଧି ଅନୁଯାୟୀ ପୂଜା ପରେ ବିସର୍ଜନ କରାଯାଏ। ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିରକୁ ଯାଇ ପୂଜା କରିଥାନ୍ତି। ଚଳିତବର୍ଷ ସ୍ୱତୀ ଘାଟରେ ୧୨୩୬ରୁ ଊର୍ଦ୍ଧ୍ୱ ଅସ୍ଥି ବିସର୍ଜନ କରାଯାଇଥିବା ନେଇ ଦାମୋଦର ମେଳା ଆୟୋଜନ କରୁଥିବା ମାରାଂ ବୁରୁ କମିଟି ପକ୍ଷରୁ ଜଣାଯାଇଛି।

ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମେଳାରେ ଯୋଗ ଦେଇଥିଲେ। କମିଟି ସଭାପତି ଦାଶରଥି ସୋରେନ, ସମ୍ପାଦକ ଭାଗୀରଥି ଟୁଡୁ, ସହସମ୍ପାଦକ ବସନ୍ତ ସୋରେନ, କୋଷାଧ୍ୟକ୍ଷ ଅବିନାଶ ଟୁଡୁ, ସଞ୍ଜୟ କୁମାର ମାଝୀ, ଭୀମସେନ ଟୁଡୁ, ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ଲାଲମୋହନ ମାଝୀଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ, ଠାକୁରମୁଣ୍ଡା ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲେ। ଅଗ୍ନିଶମ ବିଭାଗ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଆଇ

## ଜମି କିସମ ପରିବର୍ତ୍ତନ ରିପୋର୍ଟ ପାଇଁ ନେଉଥିଲେ ଲାଞ୍ଚ

ଭଦ୍ରକ/ବନ୍ତ, ୨୦।୧ (ସନାତନ ରାଉତ/ହରିନାରାୟଣ ମହାନ୍ତି)



ରାଜସ୍ୱ ନିରୀକ୍ଷକ ଶରତ କୁମାର ଜେନା।

ଜମିର କିସମ ପରିବର୍ତ୍ତନ ରିପୋର୍ଟ ପାଇଁ ଶନିବାର ୯ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ କେନ୍ଦୁଆପଦା ଆର୍‌ଆଇ (ରାଜସ୍ୱ ନିରୀକ୍ଷକ) ଶରତ କୁମାର ଜେନା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, କେନ୍ଦୁଆପଦା ଆର୍‌ଆଇ ସର୍କଲ ଅଧୀନ ଖାନାବାଡ଼ି ଗ୍ରାମର ପ୍ରଶାନ୍ତ କୁମାର ଜେନା(୨୬) ତାଙ୍କର ତୋଡ଼ଙ୍ଗା ମୌଜାରେ ଥିବା ଖାତା ନଂ. ୬୮୭/୯୨୮, (ପ୍ଲଟ୍ ନଂ. ୯୯୯/୪୧୬୮) ୧୨ ଡିସିମିଲ ଜମିର କିସମ ପରିବର୍ତ୍ତନ ପାଇଁ ବନ୍ତ ତହସିଲରେ ଆବେଦନ କରିଥିଲେ। ଏହାର ତଦନ୍ତ ରିପୋର୍ଟ ଦେବା ପାଇଁ କେନ୍ଦୁଆପଦା ଆର୍‌ଆଇଙ୍କୁ ତହସିଲଦାର ଦାୟିତ୍ୱ ଦେଇଥିଲେ। ଏହି ରିପୋର୍ଟ ପ୍ରଦାନ ଲାଗି ଆର୍‌ଆଇ ଜେନା ୯ହଜାର ଟଙ୍କା ଲାଞ୍ଚ ନେବା ପାଇଁ ଦାବି କରିଥିବା ପ୍ରଶାନ୍ତ ଭଦ୍ରକ ଭିଜିଲାନ୍ସ ଅଫିସ୍‌ରେ ଅଭିଯୋଗ କରିଥିଲେ। ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବ ଯୋଜନା ଅନୁଯାୟୀ ପ୍ରଶାନ୍ତ ଶନିବାର ମଧ୍ୟାହ୍ନରେ ୯ ହଜାର ଟଙ୍କା ଆର୍‌ଆଇଙ୍କୁ ତାଙ୍କ ଅଫିସରେ ଦେଇଥିଲେ। ଏହି ଟଙ୍କାକୁ ସେ ତାଙ୍କ ପ୍ୟାଣ୍ଟ ପକେଟ୍‌ରେ ରଖିଥିବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରିବା ସହ ହେପାଜତକୁ ନେଇଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସରେ ମାମଲା (ନଂ.୨/୨୪) ରୁଜୁ କରାଯାଇଥିବା ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ମହେଶ୍ୱର ସେଠୀ ସୂଚନା ଦେଇଛନ୍ତି। ଆର୍‌ଆଇଙ୍କ କାର୍ଯ୍ୟାଳୟ ସହ ତାଙ୍କ ପୈତୃକ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବିରିପଡ଼ା ଓ ସେ ରହୁଥିବା ସରଗଡ଼ିଆସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

# ସରିଲା କପିଳ ମୁନି ମହୋତ୍ସବ





ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ସହ ଅତିଥି ଓ କଳାକାରମାନେ।

ବାସୁଦେବପୁର,୨୦।୧(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ଗ୍ରାମରେ ଲଉଡ଼ି ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା କପିଳ ମୁନି ମହୋତ୍ସବ-୨୦୨୪ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ମହୋତ୍ସବ ମାଧ୍ୟମରେ ରକ୍ଷା ହେବା ସହ ସମସ୍ତଙ୍କୁ ଏକ ଭାଇଚାରା ସୂତ୍ରରେ ବାନ୍ଧି ରଖିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏକପାଦ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳାକାର ଜଗନ୍ନାଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗତ ୧୭ ତାରିଖରେ ଅତିଥି ଭାବେ ସାମାଜିକ କର୍ମୀ ରତ୍ନାକର ଦାସ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନୃତ୍ୟଗୁରୁ ବିଜୟ କୁମାର ଦାସ, ସାମାଜିକ କର୍ମୀ ରମାକାନ୍ତ ଡାଙ୍ଗୁଆ, ସନାତନ ନାୟକ, ରମେଶ ଚନ୍ଦ୍ର ସାମଲ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ଶିକ୍ଷୟିତ୍ରୀଙ୍କଠାରୁ ସୁନା ଗହଣା ଥିବା ବ୍ୟାଗ୍ ଝାମ୍ପିନେଲେ

ପାଟଣା,୨୦।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ରାସ୍ତା ସମ୍ମୁଖରୁ ଶନିବାର ଜଣେ ଶିକ୍ଷୟିତ୍ରୀଙ୍କଠାରୁ ଦୁର୍ବୃତ୍ତ ସୁନାଗହଣା ଥିବା ବ୍ୟାଗ୍ ଝାମ୍ପି ନେଇଛନ୍ତି। ଲୁଟ୍‌ଗହଣାର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମର ଛାୟାରାଣୀ ମହାନ୍ତ ଅପରାହ୍ନରେ ପାଟଣା ବ୍ଲକ୍ ଛକରେ ଥିବା ଜୟଗୁରୁ ସୁନା ଦୋକାନରୁ ୧ ହଳ କାନ ଫୁଲ, ୧ ମଙ୍ଗଳସୂତ୍ର କିଣିଥିଲେ। ପୁତୁରା ଓ ପୁତୁରା ବୋହୂଙ୍କ ସହ ବାଇକ୍‌ର ପଛରେ ବସି ଘରକୁ ଫେରୁଥିଲେ। ୨ ଦୁର୍ବୃତ୍ତ ତାଙ୍କୁ ପିଛା କରି ଛାୟାମଣି କାଖରେ ଜାକିଥିବା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ପାଟଣା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବିବସ୍ ପ୍ରଧାନ କହିଛନ୍ତି।

### ମା'ତାରିଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଢେଙ୍କିକୋଟ,୨୦।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍‌ର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ଅନୁଷ୍ଠାନ ମା' ତାରିଣୀ ଯୁବକ ସଂଘ ପଇଦାପାଟଣା ଆନୁକୂଲ୍ୟରେ ଏକାଦଶତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ପଇଦାପାଟଣାସ୍ଥିତ ମିନି ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଟିକାନ ନାଏକ, ସମ୍ପାଦକ ହୃଷିକେଶ ମହାନ୍ତ, ଉପ ସଭାପତି ଦିବ୍ୟଲୋଚନ ନାଏକ, ସହ ସମ୍ପାଦକ ନବକିଶୋର ନାୟକଙ୍କ ନେତୃତ୍ୱରେ ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟରେ ଜିଲା ତଥା ଜିଲା ବାହାରର ୧୬ ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଶନିବାର ଗ୍ରୁପ ଏରୁ ତାରିଣୀ ସ୍ପୋର୍ଟିଂ କ୍ଲବ୍ ବିଜୟୀ ହେବା ସହ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସାମାଜିକକର୍ମୀ ରାମଚନ୍ଦ୍ର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ଚରଣ ମହାନ୍ତ, ଅଭିମନ୍ୟୁ ନାଏକ, କୈଳାସ ଚନ୍ଦ୍ର ନାଏକ, ଶିକ୍ଷକ ଖଗେଶ୍ୱର ମହାନ୍ତ ଯୋଗଦେଇ ଫିତା କାଟି କ୍ରୀଡ଼ା ଆରମ୍ଭ କରିଥିଲେ। ଦୁଇ ଦିନ ବ୍ୟାପି ହେବାକୁ ଥିବା ପ୍ରତିଯୋଗିତାର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହେବ। ଅନୁଷ୍ଠାନର ସଦସ୍ୟ ସଞ୍ଜୟ ନାଏକ, ମଣ୍ଟୁ ନାଏକ, ପ୍ରମୋଦ ନାଏକ, ମୁନା ନାଏକ, ଗୋବର୍ଦ୍ଧନ ନାଏକ, ଦେବେନ୍ଦ୍ର ନାଏକ, ବିଜୁ ନାଏକ, ଦେବଦତ୍ତ ମହାନ୍ତ ସହଯୋଗ କରିଥିବା ବେଳେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ସ୍ୱୀକୃତି ପ୍ରାପ୍ତ ରେଫରି କୃଷ୍ଣଚନ୍ଦ୍ର ମହାନ୍ତ ଏବଂ ସାଥି ମ୍ୟାଚ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ମିଳନୀ ଉଦ୍‌ଘାଟିତ

ସୋର, ୨୦।୧(ଜନ୍ମେଜୟ ମିଶ୍ର)



କାର୍ଯ୍ୟକ୍ରମରେ ଅଧକ୍ଷ ଓ ଅଧ୍ୟାପକମାନେ।

ସୋର ବ୍ଲକ ଅଧୀନ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥସଂସ୍କୃତି ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଉଛି। ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଧକ୍ଷ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ରଘୁନାଥ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ମହାରଣା, ମାନସ ରଞ୍ଜନ ଦାସ, ରାମଚନ୍ଦ୍ର ଉପାଧ୍ୟାୟ ଓ ନିଳିମା ଶ୍ରୀଦେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କୁ ନେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବିଦ୍ୟାଳୟ ଅଧକ୍ଷ ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଉଛି। ସଂଯୋଜିକା ଭାବେ ଅଧ୍ୟାପିକା ମୌସୁମୀ ସାହୁ ଏହାକୁ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଭାବେ ଆଦ୍ୟାଶା ଦାସ ଯୋଗଦେଇ ୧୫୬ଜଣଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ଆହତଙ୍କୁ ୧୦ ହଜାର ଲେଖାଏ ପ୍ରଦାନ ଆଦେଶ

### ସ୍କୁଲ ଛାତ ସିଲିଂ ଖସି ଛାତ୍ରୀଛାତ୍ର ଆହତ ଘଟଣା

କେନ୍ଦୁଝର,୨୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଅର୍ଜୁନବିଲା ପ୍ରାଥମିକ ସ୍କୁଲ ଘର ଛାତର ସିଲିଂ ଖସି ଜଣେ ଛାତ୍ର ଓ ୬ ଛାତ୍ରୀ ଆହତ ହୋଇଥିଲେ। ଘଟଣାରେ ଆହତ ଛାତ୍ରୀଛାତ୍ରଙ୍କୁ ୧୦ ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିଶନ ଆଦେଶ କରିଛନ୍ତି। ଜରିମାନା ଅର୍ଥ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ(ଜେଆଇ)ଙ୍କଠାରୁ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ମାନବାଧିକାର କର୍ମୀ ତଥା ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ।

ଅଭିଯୋଗକୁ ଭିତ୍ତି କରି କମିଶନ (ନଂ. ୭୬୪/୧୮ଜୁଲାଇ ୨୩ )ମାମଲା ରୁଜୁ କରିଥିଲେ। ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ, ଜିଲା ପ୍ରଶାସନଙ୍କୁ ନୋଟିସ କରିଥିଲେ। ମିଳିଥିବା ଉତ୍ତରକୁ ତର୍ଜମା କରି ନିର୍ମାଣ ତଥା ମରାମତି କାମର ଠିକ ପରିଚାଳନା ଅଭାବରୁ ଏଭଳି ଘଟିଥିବା ଜାଣିବାକୁ ପାଇଥିଲେ। ଏଣୁ କାମର ତଦାରଖ କରୁଥିବା ଘଟଗାଁ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀଙ୍କ ଡ୍ୟୁଟିରେ ଖିଲାପ ଯୋଗୁ ଏଭଳି ଘଟଣା ଘଟିଥିଲା। ଏଣୁ ଆହତ ଛାତ୍ରୀଛାତ୍ରଙ୍କୁ ୧୦ ହଜାର ଟଙ୍କା ୪ ସପ୍ତାହ ମଧ୍ୟରେ ଦେବାକୁ କମିଶନ ଆଦେଶ କରିଛନ୍ତି। ଅର୍ଥ ପୈଠ ହେଲେ ତାହାର ପ୍ରମାଣ ୬ ସପ୍ତାହ ମଧ୍ୟରେ କମିଶନଙ୍କୁ ଜଣାଇବାକୁ ଗୃହ ବିଭାଗର ଅତିରିକ୍ତ ସଚିବ ଡ. ନିବେଦିତା ପୃଷ୍ଟି, ପଞ୍ଚାୟତରାଜ ବିଭାଗର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିବା ସହ ଏହି ଅର୍ଥ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆଦାୟ କରିବାକୁ କହିଛନ୍ତି। କମିଶନ ପୁନଃ ମୁଖ୍ୟ ଶାସନ ସଚିବଙ୍କୁ ୧୮ ଜାନୁଆରୀ ୨୦୨୪ରେ କ୍ଷତିପୂରଣ ପ୍ରଦାନ କରିବା ସହ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଅର୍ଥ ଆଦାୟ କରିବାକୁ ଆଦେଶ କରିଥିବା ଅଭିଯୋଗକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଘଟଣାରେ ପ୍ରଶାସନ ପକ୍ଷରୁ ପ୍ରାଥମିକ ତଦନ୍ତ କରି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କହିଛନ୍ତ, କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ କୁହାଯାଇଛି। ତେବେ ସ୍କୁଲ ମରାମତ କାମ ହୋଇଛି କି ନାହିଁ, କୌଣସି ସୂଚନା ବ୍ଲକ୍ ପକ୍ଷରୁ ତାଙ୍କୁ ଦିଆଯାଇନାହିଁ। ଏଣୁ ସେ ନେଇ ପୁଣି ବ୍ଲକ୍‌କୁ ଚିଠି କରିଛନ୍ତି।

# ଯୋଡ଼ାର ରାଜ-ରିଶି ଯୋଡ଼ି ବିଜୟୀ

## ଆନ୍ତଃ ଜିଲା ବ୍ୟାଡ଼୍‌ମିଣ୍ଟନ ଚାମ୍ପିୟନଶିପ୍

ଯୋଡ଼ା,୨୦।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାରେ ୮ମ ଅରୁନଭ ରାୟ ମେମୋରିଆଲ ଆନ୍ତଃ ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଯୋଡ଼ା ଇଷ୍ଟ ବ୍ୟାଡମିଣ୍ଟନ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଣ୍ଣ ଉପତ୍ୟକା କ୍ଲବ୍ ପକ୍ଷରୁ ଆୟୋଜିତ ଚାମ୍ପିୟନଶିପରେ ଯୋଡ଼ା, କେନ୍ଦୁଝର, ଚମ୍ପୁଆ, ବଡ଼ବିଲ, ବୋଲାଣୀ, ବଡ ଜାମଦା, ଗୋଆ, କିରିବୁରୁ, କୋଇଡ଼ା, ଟେନ୍‌ସା ପ୍ରଭୃତି ଅଞ୍ଚଳର ୪୦ ଦଳ ଅଂଶ ଗ୍ରହଣ କରିଥିଲେ। ଯୋଡ଼ାର ରାଜ-ରିଶି ଯୋଡ଼ି ବିଜୟୀ ହୋଇଥିବା ବେଳେ ପ୍ରଥମ ରନର୍ସଅପ ଦଳ ଭାବେ କେନ୍ଦୁଝରର ରାନେଶ-ଡାଟୁ, ଦ୍ୱିତୀୟ ରନର୍ସଅପ ଭାବେ କେନ୍ଦୁଝରର ସିଟୁନ-ମୁନାଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ ଖଣ୍ଡବନ୍ଧ ଲୌହ ଖଣି ଶ୍ରମିକ ସଂଘର ସଭାପତି ଏସବି ସେଣ୍ଠ, ସମ୍ମାନିତ ଅତିଥିଭାବେ ଟାଟା ଷ୍ଟିଲ ଲୌହ ଖଣିର ଶ୍ରମିକ ସଂଘ ସଭାପତି ସଞ୍ଜୀବ ଲାକ୍ରା, ଟାଟା ଷ୍ଟିଲ ଖଣ୍ଡବନ୍ଧ ଲୌହ ଖଣିର ସମ୍ପାଦକ ପି.ଭି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କ୍ଲବ୍‌ର ସଦସ୍ୟ କ୍ଷୀରୋଦ ମହାନ୍ତି, ବାବୁ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ବିଜେତା ଦଳ ଓ କ୍ଲବ୍ କର୍ମକର୍ତ୍ତାମାନେ।

# କିଛି ଆନ୍ତରିକତାରେ, ଆଉ କିଛି ନିୟମ ମାନି ପାଳନ କଲେ

### ହାଇସ୍କୁଲରେ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ

ଖଇରା, ୨୦।୧(ଉତ୍କଳବନ୍ଧୁ ପଣ୍ଡା)





ବର୍ତ୍ତନା ହାଇସ୍କୁଲରେ ପିଲାମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକର ସମସ୍ତ ୫-ଟି ହାଇସ୍କୁଲରେ ଭାଷା ସାହିତ୍ୟ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ ପାଳନ ଲାଗି ସରକାରୀ ସ୍ତରରେ ନିର୍ଦ୍ଦେଶ ରହିଥିଲା। ଖଇରା ବ୍ଲକର ୫୦ଟି ରୂପାନ୍ତରିତ ହାଇସ୍କୁଲ ଏହି କାର୍ଯ୍ୟକ୍ରମକୁ ୧୬ରୁ ୨୦ତାରିଖ ମଧ୍ୟରେ ପାଳନ କରିବା ପାଇଁ ଚିଠିରେ ଉଲ୍ଲେଖ ଥିଲା। ଏଥିପାଇଁ ୨ଶହରୁ ଅଧିକ ପିଲା ଥିବା ବିଦ୍ୟାଳୟକୁ ୧୫ହଜାର ଓ ୨ଶହରୁ କମ୍ ପିଲା ଥିବା ସ୍କୁଲକୁ ୧୨ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣ ବା ସୃଜନୀଶକ୍ତିର ପରିପ୍ରକାଶ ସରକାରଙ୍କ ମୂଳ ଉଦ୍ଦେଶ୍ୟ ଥିଲା। ଉଭୟ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତି ଆଗ୍ରହ ଥିବା ପିଲାମାନଙ୍କୁ ସାମିଲ କରି ସେମାନଙ୍କୁ ରାଜ୍ୟ ଏବଂ ଜାତୀୟସ୍ତରକୁ ପଠାଇବା ଏହି ଉତ୍ସବ ଆୟୋଜନ ଲକ୍ଷ୍ୟ ଥିଲା । ହେଲେ ଖଇରା ବ୍ଲକରେ କିଛି ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବର୍ତ୍ତନା, ତୋଟାପଡା, ପଳାସପୁର, ସୁଣ୍ଡିରାର ବାରପଡା ଦାଶରଥି ହାଇସ୍କୁଲ ସମେତ ଅନ୍ୟ କିଛି ହାଇସ୍କୁଲ ଏହି ଉତ୍ସବ ପାଳନ ପାଇଁ ଆନ୍ତରିକତା ଦେଖାଇ ଖୋଲାମଞ୍ଚରେ ଆୟୋଜନ ଅର୍ଦ୍ଧାଧିକ ହାଇସ୍କୁଲ ଏହି କାର୍ଯ୍ୟକ୍ରମକୁ ୪ କାନ୍ଥ ମଧ୍ୟରେ ସୀମିତ ରଖିଛନ୍ତି । କେବଳ ସରକାରୀ ଆଦେଶ ଆଜ୍ଞାକୁ ପାଳନ କରିବାକୁ କିଛି ଫଟୋରେ ଏହି କାର୍ଯ୍ୟକ୍ରମରେ ସୀମିତ ରଖିଛନ୍ତି । ଏହା ମାଧ୍ୟମରେ ସରକାର ଅର୍ଥର ଦୁରୁପଯୋଗ କରାଯାଇଥିବା ନେଇ କାର୍ଯ୍ୟକ୍ରମରୁ ବଞ୍ଚିତ ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତନା ହାଇସ୍କୁଲରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଓଷ୍ଟା ଜିଲା ସଭାପତି ବିଜୟ କୁମାର ପାତ୍ର ମୁଖ୍ୟଅତିଥି, ବଉଳା କଲେଜ ଅଧକ୍ଷା ସୁନନ୍ଦାରାଣୀ ସ୍ୱାଇଁ ମୁଖ୍ୟବକ୍ତା, ଏସଏମ୍‌ସି ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ଆଲୁମିନି ସଭାପତି ସୁଶାନ୍ତ କୁମାର ମିଶ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୁ ଗାହାଣ ଓ ରଘୁନାଥ ନାୟକ, ନରହରି ସାହୁ, ଗୀତାଞ୍ଜଳି ସାମଲ, ପ୍ରଧାନଶିକ୍ଷକ ସୁଧାଂଶୁ ମୋହନ ମିଶ୍ର ଓ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗୋଷ୍ଠୀଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ପଚାରିବାରେ ଯେଉଁମାନେ ପାଳନ କରିନାହାନ୍ତି ସେ ସମ୍ପର୍କରେ ବୁଝି ପଦକ୍ଷେପ ନେବେ ବୋଲି କହିଛନ୍ତି।

